ଶନିବାର, ୧୩ ଜୁଲାଇ, ୨୦୨୪

# ପିଲାଙ୍କ ଧରିତ୍ରୀ



# ମାଉସୀ ମାଆର ପୋଡ଼ପିଠା



ଗପ

ପ୍ରତିବର୍ଷ ଦୂରଦର୍ଶନରେ ରଥଯାତ୍ରା ଦେଖି ମୁନା ମୁନି ଭାରି ଖୁସି ହୁଅନ୍ତି। ଗାଁରେ ଥିବା ଜଗନ୍ନାଥ ମନ୍ଦିରକୁ ବି ରଥଯାତ୍ରା ଦେଖିବାକୁ ଯାଆନ୍ତି। ଥରେ ମୁନା କହିଲା, ବାବା ଠାକୁର କାହିଁକି ଗୁଣ୍ଡିଚା ମନ୍ଦିର ଯାଆନ୍ତି ? ବାବା କହିଲେ, ସେ ବହୁ ବର୍ଷର ପୁରୁଣା କଥା। ଗୁଣ୍ଡିଚା ରାଣୀଙ୍କ ନାମରେ ସେହି ମନ୍ଦିର ତିଆରି ହୋଇଥିଲା। ସେ ମନ୍ଦିର ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଜନ୍ମସ୍ଥାନ। ତେଣୁ ଗୁଣ୍ଡିଚା ମନ୍ଦିରକୁ ଠାକୁରଙ୍କ ଜନ୍ମବେଦି କୁହାଯାଏ। ଗୁଣ୍ଡିଚା ରାଣୀଙ୍କ ଅନୁରୋଧ ରକ୍ଷାକରି ବର୍ଷକୁ ଥରେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଭାଇ ଭଉଣୀଙ୍କ ସହିତ ରଥରେ ବସି ଜଗନ୍ନାଥ ତାଙ୍କ ଜନ୍ମବେଦିକୁ ବୁଲିଯାଆନ୍ତି। ଏହାକୁ ଶ୍ରୀଗୁଣ୍ଡିଚା ଯାତ୍ରା ମଧ୍ୟ କୁହାଯାଏ। ସେଠାରେ ନଅଦିନ ରହି ବାହୁଡା ଦଶମୀଦିନ ସିଂହଦ୍ୱାର ଫେରିଆସନ୍ତି। ଏହାକୁ ବାହୁଡ଼ା ଯାତ୍ରା କୁହାଯାଏ।

ମୁନୀ କହିଲା, ଠାକୁର ଫେରିଲା ବେଳେ ମାଉସୀ ଘରେ ପୋଡ଼ପିଠା ଖାଇଥାନ୍ତି ବୋଲି କହନ୍ତି। ବାବା କହିଲେ, ଠାକୁରଙ୍କୁ ତାଙ୍କ ମାଉସୀ ମାଆର ପୋଡ଼ପିଠା ଭାରି ସୁଆଦ ଲାଗେ। ସେ ଖୁସିରେ ଖାଇ ସିଂହଦ୍ୱାର ଆସନ୍ତି। ମୁନା କହିଲା, ଠାକୁରଙ୍କର ପୁଣି ମାଉସୀ ଅଛନ୍ତି ? ବାବା କହିଲେ, ହଁ ବଡ଼ଦାଣ୍ଡର ବଳଗଣ୍ଡିଠାରେ ରହିଛି ଅର୍ଦ୍ଧାଶିନୀ ମନ୍ଦିର। ଶ୍ରୀଜଗନ୍ନାଥଙ୍କ ମାଉସୀ ମାଆଙ୍କ ନାମ ହେଉଛି ଅର୍ଦ୍ଧାଶିନୀ। ମୁନା ପଚାରିଲା, ତାଙ୍କ ନାମ ଅର୍ଦ୍ଧାଶିନୀ କାହିଁକି ହୋଇଛି। ବାବା କହିଲେ, ବହୁ ବର୍ଷ ପୂର୍ବେ ବଳଗଣ୍ଡିଠାରେ ମାଳିନୀ ନଈଟିଏ ଥିଲା। ଏହି ନଈ ପାରି ହୋଇ ରଥ ଯାଇପାରୁ ନ ଥିଲା। ସିଂହଦ୍ୱାରରୁ ରଥ ଆସି ମାଳିନୀ ନଈକୂଳରେ ରହୁଥିଲା। ତା'ପରେ ଡଙ୍ଗାରେ ନଦୀ ପାର ହୋଇ ନଦୀ ଆରପଟେ ପୁଣିଥରେ ରଥରେ ବସି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଗୁଣ୍ଡିଚା ମନ୍ଦିର ଯାଉଥିଲେ। ଏଥିପାଇଁ ଛଅଟା ରଥ ତିଆରି କରିବାକୁ ପଡୁଥିଲା। ଏହି ଅସୁବିଧାକୁ ଦୂର କରିବାକୁ ମାଉସୀ 'ମା' ମାଳିନୀ ନଈର ପାଣିକୁ ଅଧର ବା ମୁହଁରେ ଶୋଷିନେଇ ନଈକୁ ଶୁଖାଇ ଦେଇଥିଲେ। ତେଣୁ ତାଙ୍କୁ ଅର୍ଦ୍ଧାଶିନୀ ବୋଲି କୁହାଯାଏ। 'ମା' ଅର୍ଦ୍ଧାଶିନୀଙ୍କୁ ପୁରୀର ରାତ୍ରି ଜଗୁଆଳି ବୋଲି କୁହାଯାଏ। ମାଳିନୀ ନଈ ଶୁଖିଯିବା ଫଳରେ ତିନୋଟି ରଥରେ ଖୁବ୍ ସୁବିଧାରେ ରଥଯାତ୍ରା ହୋଇପାରୁଛି। ଗୁଣ୍ଡିଚା ମନ୍ଦିର ଗଲାବେଳେ ଜଗନ୍ନାଥ ମାଉସୀ ମାଆଙ୍କୁ କଥା ଦେଇଥାନ୍ତି, ତାଙ୍କ ପାଖରେ ପୋଡ଼ପିଠା ଖାଇ ବଡ଼ ଦେଉଳକୁ ଫେରିବେ। ସେହିଦିନଠାରୁ ଏହି ପରମ୍ପରା ଚାଲିଆସୁଛି।

ଅର୍ଦ୍ଧାଶିନୀ ମନ୍ଦିର ପୂଜାରୀମାନେ ଶୁଦ୍ଧ ଘିଅରେ ସୁସ୍ୱାଦୁ ପୋଡ଼ପିଠା ପ୍ରସ୍ତୁତ କରିଥାନ୍ତି। ଏଥିରେ ନଡିଆ, ସୁଗନ୍ଧିତ ମସଲା ପକାଯାଇଥାଏ। ଏହାକୁ ସର୍ପମଣୋହୀ ଭୋଗ କୁହାଯାଏ।

ଏହିପରି ମହାପ୍ରଭୁଙ୍କ ବାରମାସରେ ତେରପର୍ବ ପରମ୍ପରା ଅନୁଯାୟୀ ପାଳିତ ହୋଇଥାଏ। ସବୁ ପର୍ବ, ଯାନିଯାତ୍ରାଠାରୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପୃଥିବୀ ପ୍ରସିଦ୍ଧ। ରଥରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଲକ୍ଷ ଲକ୍ଷ ଭକ୍ତ ଆସନ୍ତି। ତାଙ୍କ ଆଶୀଷରେ ସମସ୍ତେ ସୁଖ, ଶାନ୍ତିରେ ଅଛନ୍ତି। ମୁନା ମୁନୀ କହିଉଠିଲେ, ଆମେ ଆସନ୍ତା ବର୍ଷ ରଥଯାତ୍ରାକୁ ପୁରୀ ଯିବା। ଠାକୁରଙ୍କୁ ଦର୍ଶନ କରି ସମସ୍ତଙ୍କର ଶୁଭ ମନାସିବା। ବାବା କହିଲେ, ସେତିକି ନୁହେଁ, ତାଙ୍କ ଆଶିଷ ବଳରେ ତୁମେ ଭଲ ପାଠ ପଢି, ଦୁନିଆରେ ବଡ଼ ମଣିଷ ହୋଇପାରିବ।

**– କବିତା ମିଶ୍ର**
ସେକ୍ଟର-୩/୫୫, ନୀଳାଦ୍ରିବିହାର, ଭୁବନେଶ୍ୱର
ମୋ: ୯୯୩୭୦୩୩୭୫୦



## ଖିଲି ଖିଲି ହସ

ଥରେ ଜଣେ ଭିକାରି ରାମବାବୁଙ୍କ ଘର ସାମ୍ନାରେ ବସି ରୁଟି ଖାଉଥିଲା। ଏହା ରାମବାବୁ ଦେଖି ଭିକାରିଟି ଉପରକୁ ଦୟା ଆସିଲା । ରାମବାବୁ ଭିକାରିକୁ କହିଲେ– ଦେ ତୋ ରୁଟି ମୁଁ ଘରୁ ଗରମ କରି ଆଣି ଦେଉଛି।
ଭିକାରି: ବାବୁ, କାଲି ଆପଣଙ୍କ ଘରକୁ ତରକାରି ଦେଇଥିଲି ଏ ପର୍ଯ୍ୟନ୍ତ ମୋତେ ଫେରାଇଲେ ନାହିଁ। ଆଜି ପୁଣି କେଉଁ ଭରସାରେ ଆପଣଙ୍କୁ ରୁଟି ଦେବି !

ରାଜୁ: ଆଜି ସକାଳେ ମୋ ସାମ୍ନାରେ ଗୋଟିଏ ବିଲେଇ ଯାଇ ମୋ ରାସ୍ତା କାଟିଦେଲା।
ବିଜୁ: ପୁଣି କ'ଣ ହେଲା ?
ରାଜୁ: ପୁଣି କ'ଣ ହେବ ! କିଛି ବାଟ ରାସ୍ତାରେ ଯାଇଛି କି ନାହିଁ, ତା'ର ଆକ୍ସିଡେଣ୍ଟ ହୋଇଗଲା। ମୋ ସାଙ୍ଗରେ ସେ ପଙ୍ଗା ନେଇଥିଲା ନା !

(ରିଙ୍କୁ –ପିଙ୍କୁ ମଧ୍ୟରେ କଥାବାର୍ତ୍ତା)
ରିଙ୍କୁ: ଆଜି ଏତେ ଥଣ୍ଡା କାହିଁକି ଲାଗୁଛି ?
ପିଙ୍କୁ: ସୂର୍ଯ୍ୟ ଆଜି ବାହାରିନି ନା
ରିଙ୍କୁ: କାହିଁକି ବାହାରିନି ?
ପିଙ୍କୁ: ତା,ମମି ତାକୁ ବାହାରକୁ ଯିବାକୁ ଦେଇ ନ ଥିବେ, କହିଥିବେ ଯେ ଥଣ୍ଡାରେ କୁଆଡେ ଯିବୁ, ପଡି ରହ ବେଡ୍ ଉପରେ,ଫାଲତୁରେ ଯାଇ ବାହାରେ ବୁଲି ଦେହ ଖରାପ ହେବ।

## ମତାମତ

▶▶ ଗତ ସପ୍ତାହରେ ପିଲାଙ୍କ ଧରିତ୍ରୀର ପୃଷ୍ଠା–୩ରେ ପ୍ରକାଶିତ 'ପିଲା ଅମାନିଆ ହେଲେ' ପାଠଟି ପଢ଼ିବାକୁ ଭଲ ଲାଗିଲା।

**–ରଞ୍ଜନ ମହାରଣା,ଖଣ୍ଡଗିରି, ଭୁବନେଶ୍ୱର**

▶▶ ଜଣା ଅଜଣା ପୃଷ୍ଠାରେ ପ୍ରକାଶିତ ବିଜ୍ଞାନଭିତ୍ତିକ ଏବଂ ପ୍ରାଣୀଙ୍କ ସମ୍ପର୍କରେ କିଛି ତଥ୍ୟ ଜାଣିବାକୁ ମିଳୁଛି।

**–ବିଜୟ ସାହୁ, ନୟାଗଡ଼**

▶▶ 'ତୁମ ତୂଳୀରେ' ସ୍ତମ୍ଭରେ ଜଗନ୍ନାଥ ସମ୍ପର୍କିତ ଚିତ୍ରଗୁଡ଼ିକ ବେଶ୍ ଆକର୍ଷଣୀୟ ହୋଇଥିଲା।

**–ପ୍ରକାଶ ମହାନ୍ତି,ରାଉରକେଲା**

## ରଙ୍ଗ ଦିଅ



## ଜାମୁକୋଳି

ବର୍ଷାଦିନେ ପ୍ରଚୁର ପରିମାଣରେ ମିଳୁଥିବା ଜାମୁକୋଳିର ବିଭିନ୍ନ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି। ଏହାର ଔଷଧୀୟ ଗୁଣ ପାଇଁ ଏହାକୁ ପ୍ରକୃତିର ବରଦାନ କହିଲେ ଭୁଲ ହେବ ନାହିଁ।

➲ ଡାଏବେଟିସ୍ ରୋଗୀଙ୍କ ପାଇଁ ଅମୃତ ସମାନ ହେଉଛି ଜାମୁକୋଳି। ପ୍ରାକୃତିକଭାବେ ଏଥିରେ ମିଠା ଥିଲେ ବି ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣ କରିବାରେ ଏହା ଅଦ୍ଭୁତଭାବେ କାମ କରିଥାଏ। ଜାମୁକୋଳିରେ ଫାଇବର ଓ ଆଣ୍ଟିଅକ୍ସିଡାଣ୍ଟ ରହିଛି। ସେହିଭଳି ଜାମୁକୋଳିର ମଞ୍ଜିରେ ଜାମ୍ବୋଲିନ୍ ନାମକ ବିଶେଷ ତତ୍ତ୍ୱ ମିଳିଥାଏ ଯାହା ରକ୍ତରେ ଶର୍କରାର ସ୍ତରକୁ କମ୍ କରିବାରେ ବିଶେଷ ସହାୟକ ହୁଏ।

➲ ପେଟର ଅନେକ ସମସ୍ୟାକୁ ଏହି ଫଳ ଦୂର କରିବାରେ ସହାୟକ ହୋଇଥାଏ। ଏମିତିକି ଡାଏରିଆ ଭଳି ରୋଗକୁ ନିୟନ୍ତ୍ରଣ କରିବାରେ ବିଶେଷ ଭୂମିକା ନେଇଥାଏ। ହଜମ ଶକ୍ତି ବୃଦ୍ଧି କରେ ଓ କୋଷ୍ଠକାଠିନ୍ୟ ମଧ୍ୟ ଦୂର କରିଥାଏ।

➲ ଇମ୍ୟୁନିଟି ବଢାଇବାରେ ମଧ୍ୟ ସହାୟକ ହୋଇଥାଏ ଜାମୁକୋଳି।

➲ ଜାମୁକୋଳି ଖାଇଲେ ହାର୍ଟ ସୁସ୍ଥ ରହିଥାଏ। କାରଣ ଏଥିରେ ପୋଟାସିୟମ୍ ରହିଛି ଓ ଏହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ତେଣୁ ହାର୍ଟକୁ ଠିକ୍ ରଖିବାରେ ଏହା ପରୋକ୍ଷରେ ସହାୟକ ହୋଇଥାଏ।

➲ ଆଣ୍ଟି ଅକ୍ସିଡାଣ୍ଟର ଗୁଣ ଥିବାରୁ ଏହା ସ୍କିନ୍ ଓ କେଶକୁ ମଧ୍ୟ ଭଲ ରଖିବାରେ ବିଶେଷ ଭୂମିକା ନେଇଥାଏ।

➲ ଆଣ୍ଠୁ ଗଣ୍ଠି ଦରଜକୁ ରୋକିବାରେ ଅନେକାଂଶରେ ସହାୟକ ହୁଏ ଓ ଲିଭର ଉପରେ ମଧ୍ୟ ସୁପ୍ରଭାବ ପକାଇଥାଏ।



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ସାଧାରଣ ଜ୍ଞାନ

**ବ୍ୟକ୍ତିଗତ ଉନ୍ନତି ସହ ଭଲ କ୍ୟାରିୟର ପାଇଁ ଜରୁରୀ ସାଧାରଣ ଜ୍ଞାନ। କୌଣସି ସିଲାବସ୍ କି ନିର୍ଦ୍ଦିଷ୍ଟ ବହିପାଠରେ ଏହା ସୀମିତ ନ ଥାଏ। ଏଥିପାଇଁ ଲୋଡା କେବଳ ଅଭ୍ୟାସ। ତେବେ କେଉଁ ଉପାୟରେ ପିଲାମାନେ ନିଜ ସାଧାରଣ ଜ୍ଞାନ ବଢାଇପାରିବେ ତାହା ଜାଣିବା ଦରକାର...**

ସିଲାବସ୍‌ର ପାଠ ସହିତ ସାଧାରଣ ଜ୍ଞାନ ପିଲାଙ୍କ ପାଇଁ ଜରୁରୀ। ଏହା କେବଳ ଯେ ମାନସିକ ଦକ୍ଷତା ବୃଦ୍ଧି କରିଥାଏ ତା ନୁହେଁ ବରଂ ଭବିଷ୍ୟତ ପାଇଁ ଅନେକ ସଫଳତାର ମାର୍ଗ ଉନ୍ମୁକ୍ତ କରିଥାଏ। ଏମିତିକି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ କରାଇବା ତଥା ସାମାଜିକ ସମ୍ପର୍କ ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିଥାଏ। କହିବାକୁ ଗଲେ କେବଳ ପରୀକ୍ଷା ହଲ୍ ନୁହେଁ ପ୍ରତ୍ୟେକ ସ୍ଥାନରେ ସାଧାରଣ ଜ୍ଞାନର ଢେର୍ ଆବଶ୍ୟକତା ରହିଥାଏ। ତେବେ ପିଲାମାନେ ନିଜର ଏହି ଦକ୍ଷତା ବୃଦ୍ଧି କରିବା ପାଇଁ କ'ଣ ସବୁ କରିବା ଦରକାର ସେନେଇ ଜାଣି ରଖନ୍ତୁ।

## ଖବର ଜାଣିବା

ସାଧାରଣ ଜ୍ଞାନ ବଢାଇବା ପାଇଁ ହେଲେ ପିଲାମାନଙ୍କୁ ସବୁ ପ୍ରକାରର ଖବର ଜାଣିବାକୁ ହେବ। ଖବର ଜାଣିବା ପାଇଁ ଅନେକ ମାଧ୍ୟମ ରହିଛି। ସେସବୁ ମାଧ୍ୟମଗୁଡିକୁ ଆପଣାଇ ପ୍ରତ୍ୟେକ ଖବର ସମ୍ପର୍କରେ ଜାଣିବାକୁ ହେବ। କୌଣସି ଖବର ବିଷୟରେ ଯେତେ ଅଧିକ ବିସ୍ତାରଭାବେ ଜାଣିପାରିବ ସେତେ ଅଧିକ ଜ୍ଞାନ ବୃଦ୍ଧି ହେବ। ଏହି ଦୃଷ୍ଟିରୁ ସବୁଦିନ ଖବରକାଗଜ, ମାଗାଜିନ୍ ଆଦି ପଢିବା ସହିତ ଟିଭିରେ ମଧ୍ୟ ଖବର ଦେଖିବାକୁ ହେବ। ଖାଲି ସେତିକି ନୁହେଁ ଆଜିକାଲି ଇଣ୍ଟରନେଟ୍ ମାଧ୍ୟମରେ ବିଭିନ୍ନ ପ୍ରକାରର କୁଇଜ୍ ପ୍ରୋଗ୍ରାମ୍ କରାଯାଉଛି। ସେସବୁ ଦେଖିଲେ ନିଶ୍ଚିତଭାବେ ଅଧିକ ଜ୍ଞାନ ମିଳିପାରିବ। ତେଣୁ ଖବର ଜାଣିବାର ଏଭଳି ସବୁ ମାଧ୍ୟମକୁ ପିଲାମାନେ ଆପଣେଇ ନେବା ଦରକାର।

## କୁଇଜ୍ ପ୍ରତିଯୋଗିତା

ସ୍କୁଲ, କଲେଜଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କୁଇଜ୍ ପ୍ରତିଯୋଗିତା ହୋଇଥାଏ। ବିଭିନ୍ନ ବିଭାଗ ଓ ଭିନ୍ନ ଭିନ୍ନ ବର୍ଗରେ ଏଭଳି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଏ। ନିଜର ଜ୍ଞାନ ବଢାଇବା ପାଇଁ ହେଲେ ଏଭଳି ପ୍ରତିଯୋଗିତାରେ ଭାଗ ନିଅନ୍ତୁ। ଅବଶ୍ୟ ପୁରସ୍କୃତ ହୋଇ ନ ପାରନ୍ତି କିନ୍ତୁ ବାରମ୍ବାର ଭାଗ ନେବା ଦ୍ୱାରା ଜ୍ଞାନର ପରିସୀମା ବୃଦ୍ଧି ହୋଇପାରିବ। ଯଦି ଏଭଳି କୌଣସି ପ୍ରତିଯୋଗିତାକୁ ନେଇ ହୋଇଥିବା କାର୍ଯ୍ୟକ୍ରମ ଟିଭିରେ ପ୍ରସାରଣ ହେଉଥାଏ ତେବେ ତାହା ଦେଖନ୍ତୁ ଓ ଆଗୁଆ ସବୁ ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କରନ୍ତୁ।

## ପଢ଼ିବା, ବୁଲିବା

ଇତିହାସ, ବିଜ୍ଞାନ, କଳା ଆଦି ବିଭିନ୍ନ ବିଷୟରେ ଅଧିକରୁ ଅଧିକ ପଢିବାକୁ ହେବ। ସାଧାରଣ ଜ୍ଞାନ ଏକ ଏଭଳି କ୍ଷେତ୍ର ଯାହାର କୌଣସି ପରିସୀମା ନ ଥାଏ। ତେଣୁ ପ୍ରତ୍ୟେକ ବିଷୟକୁ ଭଲଭାବେ ବୁଝିବାକୁ ହେବ। ଏମିତିକି ନିଜ ପାଠବହି ବାହାରେ ବି ଅନେକ କିଛି ପଢିବାର ଅଭ୍ୟାସ ରଖିବାକୁ ହେବ। ବିଭିନ୍ନ ଉପନ୍ୟାସ ଓ ଅନ୍ୟାନ୍ୟ ବହି ସବୁ ପଢନ୍ତୁ। ପଢିବା ସହ ନୂଆ ନୂଆ ସ୍ଥାନ ବୁଲିବାକୁ ଯାଆନ୍ତୁ। ବୁଲିବାକୁ ଗଲେ ବି ବହୁତ କିଛି ଜାଣିବାର ଅବସର ପାଇବେ। ଆଉ ପ୍ରତ୍ୟେକ ବିଷୟରେ ଜ୍ଞାନ ହାସଲ କରିବା ପରେ ହିଁ ପିଲାମାନେ ସବୁପ୍ରକାର ପ୍ରଶ୍ନକୁ ସାମ୍ନା କରିବାର ଦୃଢ ଆତ୍ମବିଶ୍ୱାସ ସୃଷ୍ଟି କରିପାରିବେ।

## ପ୍ରବଳ ଆଗ୍ରହ

ସବୁ ବିଷୟରେ ଜାଣିବା ପାଇଁ ପ୍ରବଳ ଆଗ୍ରହ ହିଁ ଏହି କ୍ଷେତ୍ରରେ ଶୀଘ୍ର ଅଗ୍ରସର କରାଇଥାଏ। ଯେକୌଣସି ବିଷୟ ହେଉ ସେନେଇ ଅଧିକ ଜାଣିବାର ଇଚ୍ଛା ଥିଲେ ହିଁ ତାହା ଜ୍ଞାନ ବଢାଇବାରେ ସହାୟକ ହୋଇପାରିବ। କାରଣ ଏଭଳି ପ୍ରବୃତ୍ତି ପାଇଁ ପିଲାମାନେ ଅଧିକ ଜାଣିବା ଲାଗି ଅଧିକ ପଢିବେ କିମ୍ବା ପଚାରି ବୁଝିବେ। ଏହା ବାଦ୍ ମନରେ ସେଭଳି ଦ୍ୱନ୍ଦ୍ୱ ରହିଲେ ତାର ସମାଧାନ ନିମନ୍ତେ ରାସ୍ତା ବାହାର କରିବାକୁ ଚେଷ୍ଟା କରିବେ। ଫଳରେ ଆପେ ଆପେ ସବୁ ପ୍ରକାରର ଜ୍ଞାନକୁ ଆୟତ୍ତ କରିବା ସମ୍ଭବ ହୋଇପାରିବ।

## ଅଭ୍ୟାସ

ସାଧାରଣ ଜ୍ଞାନ ବଢାଇବା ନିମନ୍ତେ ଯାହା ବି କରିବେ ତାକୁ ନିୟମିତ ଅଭ୍ୟାସରେ ପରିଣତ କରିବାକୁ ହେବ। ଅର୍ଥାତ୍ ଖବରକାଗଜ ପଢିବା, ଖବର ଦେଖିବା ଯାହା ବି କରିବେ ସବୁ ନିୟମିତଭାବେ କରିବାକୁ ହେବ। ନଚେତ୍ କୌଣସି କ୍ଷେତ୍ରରେ ଅପଡେଟ୍ ହୋଇପାରିବେ ନାହିଁ। ଫଳରେ ଅଜ୍ଞାନତାର ଅନ୍ଧକାର ଭିତରେ ରହିବା ଭଳି ଅନୁଭବ ହେବ। ତେଣୁ ଜ୍ଞାନ ବଢାଇବାକୁ ଯାହା ସବୁ କରିବା ପାଇଁ ଇଚ୍ଛା କରୁଛନ୍ତି ତାହାକୁ ନିୟମିତ ଏକ ଅଭ୍ୟାସରେ ପକାଇ କରିବାକୁ ହେବ।


## ଅନ୍‌ଲାଇନ୍ କୋର୍ସ

ଯଦିଓ ସାଧାରଣ ଜ୍ଞାନ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟରେ ପାଠପଢା ନୁହେଁ ତଥାପି ଏନେଇ କିପରି ଶିକ୍ଷା ପାଇପାରିବେ ସେସବୁ ଜଣାଇବା ନିମନ୍ତେ ଏବେ ବିଭିନ୍ନ ପ୍ରକାରର କୋର୍ସ ମଧ୍ୟ ହେଉଛି। ତେଣୁ ପିଲାମାନେ ଯଦି ଚାହିଁବେ ଏଭଳି ସବୁ କୋର୍ସରେ ନାମଲେଖାଇ କ'ଣ ସବୁ କରିବାକୁ ହେବ ଲକ୍ଷ୍ୟ କରିପାରିବେ। କୋର୍ସ ମାଧ୍ୟମରେ କିଛି ଦିନ ଲକ୍ଷ୍ୟ କରିବା ପରେ ନିଜେ ତା'ପରେ ସେହି ଅନୁରୂପ ଅଭ୍ୟାସ ବଢାଇ ପାରିବେ। ଏହା ସହ ବିଭିନ୍ନ ଅନ୍‌ଲାଇନ୍ ଗ୍ରୁପ୍‌ରେ ବି ସାମିଲ ହୋଇ ଅଧିକ ତଥ୍ୟ ଜାଣିବାକୁ ଚେଷ୍ଟା କରନ୍ତୁ।

ସାଧାରଣ ଜ୍ଞାନର ଶକ୍ତି ବହୁତ। ଏହି ଜ୍ଞାନରେ ଯିଏ ଯେତେ ଅଧିକ ସମୃଦ୍ଧ ହୋଇପାରିବ ସେ ସେତେ ଅଧିକ ସଫଳ ହୋଇପାରିବେ।

- ଯେକୌଣସି ସ୍ଥାନରେ, ଯେତେ ଅଧିକ ଲୋକଙ୍କ ପାଖରେ ଥିଲେ ବି କଥାବାର୍ତ୍ତା କରିବା ପାଇଁ ଭୟ ଲାଗିବ ନାହିଁ।
- ସବୁ ସମୟରେ ନିଜ ବିଷୟରେ କିମ୍ବା ଅନ୍ୟ କାହା ବିଷୟରେ ବି ନିଷ୍ପତ୍ତି ନେବାର କ୍ଷମତା ବୃଦ୍ଧି ପାଇବ।
- ସବୁ କ୍ଷେତ୍ରରେ ନିଜର ଏକ ସୁଚିନ୍ତିତ ମତାମତ ପ୍ରଦାନ କରିପାରିବେ।
- ନୂତନ ତଥା ବିଦେଶୀଙ୍କ ସହିତ ଯୋଗାଯୋଗ କରିବା ସହଜ ହୋଇଯିବ।
- ଆତ୍ମବିଶ୍ୱାସ ବୃଦ୍ଧି କରେ ବା କନଫିଡେନ୍ସ ବୁଷ୍ଟର ଭଳି କାମ କରେ ସାଧାରଣ ଜ୍ଞାନ।
- ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସହାୟକ ହୋଇଥାଏ।
- ଅନ୍ୟମାନଙ୍କୁ ଇମ୍ପ୍ରେସ କରିଥାଏ ଓ କ୍ରିଏଟିଭିଟି ବଢାଇବାରେ ସାହାଯ୍ୟ କରିଥାଏ ସାଧାରଣ ଜ୍ଞାନ।

ସାଧାରଣ ଜ୍ଞାନ ଯଦିଓ କୌଣସି ପାଠ୍ୟକ୍ରମରେ ଅଧିକ ମାର୍କ ହାସଲ କରିବାରେ ସହାୟକ ହୋଇ ନ ପାରେ କିନ୍ତୁ ଏହା ସାମଗ୍ରିକ ଭାବେ ସବୁ ବିଷୟରେ ସଫଳତା ଦେଇଥାଏ। କ୍ୟାରିୟର ଗ୍ରୋଥ୍ ତଥା ବ୍ୟକ୍ତିଗତ ଉନ୍ନତିରେ ସହାୟକ ହୁଏ। ମୁଖ୍ୟତଃ ପ୍ରତ୍ୟେକ ଜିନିଷ ତଥା ବିଷୟକୁ ଭଲଭାବେ ବୁଝିହୁଏ । ଫଳରେ ଶିକ୍ଷା କ୍ଷେତ୍ରରେ ସଫଳତା ତ ଦେଇଥାଏ ତା ସହ ସଚେତନତା ବି ସୃଷ୍ଟି କରିଥାଏ।





୧



୨




୩



୪



୮



୫




୬



୭



୯

୧



ନିହାରିକା ପାତ୍ର
କ୍ଲାସ୍- ୪,
କାହ୍ନୁପୁର ପ୍ରାଥମିକ ବିଦ୍ୟାଳୟ,
ମୟୂରଭଞ୍ଜ

୨

ଅୟସକାନ୍ତ ସାହୁ
କ୍ଲାସ୍-୬, କେନ୍ଦ୍ରୀୟ ବିଦ୍ୟାଳୟ,
ପୁରୀ



୩



ନିର୍ଲିପ୍ତା ରାୟ
କ୍ଲାସ୍-୭, ଫ୍ୟୁଚର ଭୁବନେଶ୍ୱର ସ୍କୁଲ,
ଭୁବନେଶ୍ୱର

୪

ଐଶାନୀ ଦାଶ
କ୍ଲାସ୍-୫, ଡିଏଭି ପବ୍ଲିକ ସ୍କୁଲ,
କଳିଙ୍ଗ ନଗର,
ଭୁବନେଶ୍ୱର



୫



ପ୍ରତୀକ ସ୍ୱାଇଁ
କ୍ଲାସ୍-୪, ହାପି ଆୱାର୍ସ ସ୍କୁଲ,
ସହିଦନଗର,
ଭୁବନେଶ୍ୱର

୬

ଶୁଭଶ୍ରୀ ବେହେରା
କ୍ଲାସ୍- ୯,
ସରକାରୀ ବାଳିକା ବିଦ୍ୟାଳୟ,
ୟୁନିଟ-୪,
ଭୁବନେଶ୍ୱର



୭



ଆଦର୍ଶ ରାଜ୍ ପାଟ୍ଟଯୋଶୀ
କ୍ଲାସ୍-୧, ସେଣ୍ଟ ଜାଭିୟର୍ସ ହାଇସ୍କୁଲ,
ରାୟଗଡ଼ା

୮

ସୁମେଧା ମିଶ୍ର
କ୍ଲାସ୍-୧୦, ସେଣ୍ଟ ଜାଭିୟର୍ସ ହାଇସ୍କୁଲ,
ଖଣ୍ଡଗିରି,
ଭୁବନେଶ୍ୱର



୯



ବୈଷ୍ଣବୀ ମିଶ୍ର
କ୍ଲାସ୍-୨,
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,
ଜଟଣୀ, ଖୋର୍ଦ୍ଧା



## ବାହୁଡ଼ା ଲିଳା

କପାଳ ଲିଖନ ନୁହଁଇ ଆନ
ବାହୁଡ଼ିବେ ପ୍ରଭୁ କଳାବାମନ,
ଆଡ଼ପ ମଣ୍ଡପ ମନରେ କୋହ
ଶରଧାବାଲିର ଆଖିରେ ଲୁହ,
ମାଉସୀ ମାଆର ମନରେ ଖୁସି
ଫେରିବା ବାଟରେ ଶ୍ରୀକ୍ଷେତ୍ରଶଶୀ,
ଶରଧାରେ ପୋଡ଼ପିଠା ଖାଇବେ
ସୁଖଦୁଃଖ ଦୁଇ ପଦ ହୋଇବେ,
ସିଂହଦ୍ୱାର କହେ ହୃଦୟ ଖୋଲି
ପ୍ରଭୁ କି ଆମକୁ ପାରିବେ ଭୁଲି ?
ବାହୁଡ଼ାରେ ଫେରି କଳାଗୋସାଇଁ
ସୁନାବେଶ ହେବେ ରଥରେ ଥାଇ,
ଦରଶନ କରି ଭକତ ଜନ
ସାର୍ଥକ କରିବେ ନିଜ ଜୀବନ ।

**– ଜଗଦୀଶ ସାହୁ**
ମୋ: ୯୦୭୮୧୮୫୬୧୬

## ବରଷକେ ଥରେ

ବରଷକ ଥରେ ଆଷାଢ଼ ମାସରେ
ଭାଇ ଭଉଣୀଙ୍କୁ ଧରି,
ଭକତ ମେଳରେ ହସି ହସି ଆସ
କେତେ ଯେ ଗହଳି କରି ।
ନୁହେଁ ପ୍ରହଲ୍ଲାଦ ଅବା ଭକ୍ତ ଧ୍ରୁବ
ପାରିବି ତୁମକୁ ଡାକି,
ନାହିଁ ରୋଷଘର ସମିଧ ସାକର
କିପରି ରାନ୍ଧିବି ରଖି !
ମନ୍ତର ଜାଣିନି ଧୂପ ବି କିଣିନି
ଶିଖିନାହିଁ ପୂଜାବିଧି,
ଜାଣିଛି ଏତିକି ଅନ୍ତରେ ଡାକିଲେ
ଭକତକୁ ରଖ ବାନ୍ଧି ।
ଛୋଟ ପିଲା ମୁହିଁ କରଇ ଅଝଟ
ପ୍ରଭୁ ତୁମ ପାଦ ତଳେ,
ଟିକି ରଥ ବୋଲି କରିବନି ମନା
ବିଜେ ହୁଅ ଆସି ଥରେ ।

**– ଅନନ୍ତ କୁମାର ସେନାପତି**
ମୋ: ୭୦୦୮୩୦୪୨୨୫

## କବିତା

### ପୁରୀ ଆମରି ଗର୍ବ

ପୁରୀ ବଡ଼ଦାଣ୍ଡେ ଗୁଣ୍ଡିଚା ଯାତ
ଅଟେ ପରା ଇଏ ବିଶ୍ୱବିଖ୍ୟାତ ।
ତିନି ଠାକୁରଙ୍କ ପବିତ୍ର ଡୋରି
ଲାଗିଲେ ଭକତ ଆସନ୍ତି ପୁରୀ ।
ଟଙ୍କ ତୋରାଣି ଓ ଅବଢ଼ା ଅନ୍ନ
ଭୋକ ଶୋଷ ହରି କରେ ପ୍ରସନ୍ନ ।
ପୁରୀ ବେଳାଭୂମି,ବାଲୁକା କଳା
ମନ ମୋହେ ଖୋଦା କୋଣାର୍କ ଶିଳା ।
ପୁରୀରେ ଅଛନ୍ତି ଶ୍ରୀଲୋକନାଥ
ପୁରୀ ସ୍ୱର୍ଗଦ୍ୱାର ମୁକ୍ତିର ପଥ ।
ପୁରୀ ପରିକ୍ରମା ଆହ୍ଲାଦ ଭାରି
ପବିତ୍ର ପୁରୀ ସେ ଗର୍ବ ଆମରି
ବାଟରେ ପଡ଼ଇ ବାଟ ମଙ୍ଗଳା
କଳା ଗନ୍ତାଘର ଅଠର ନଳା ।
ଗୁଣ୍ଡିଚା ମନ୍ଦିର, ଶରଧା ବାଲି
ପୁରୀ ଖଜା ସ୍ୱାଦ ହୁଏନି ଭୁଲି ।

**– ଆଚାର୍ଯ୍ୟ କ୍ଷିତୀଶ ଜେନା**
ମୋ: ୭୮୭୩୫୧୦୦୨୭

## ସୁନା ବେଶ

ଆଷାଢ଼ ଶୁକଳ ଦ୍ୱିତୀୟା ତିଥିରେ
ଶ୍ରୀକ୍ଷେତ୍ର ମଉଡ଼ମଣି
ପୁଣ୍ୟ ବଡଦାଣ୍ଡେ ରଥରେ ଗଡ଼ନ୍ତି
ଭକତଙ୍କ ଡାକ ଶୁଣି ।
ଜନମ ବେଦିରେ ରୁହନ୍ତି ସାଆନ୍ତ
ହସିଉଠେ ଜନମନ
ମାଉସୀଙ୍କ ହାତ ପୋଡପିଠା ଖାଇ
ଫେରନ୍ତି ଦଶମୀ ଦିନ ।
ସୁନ୍ଦର ଦିଶଇ ତା'ବାହୁଡା ଯାତ
ସୁନ୍ଦର ତା'ନନ୍ଦିଘୋଷ
ଆହୁରି ସୁନ୍ଦର ବଡ଼ଦାଣ୍ଡେ ତା'ର
ଏକାଦଶୀ ସୁନାବେଶ ।
ସୁନା ଗହଣାରେ ହୋଇ ସୁସଜ୍ଜିତ
ଚମକନ୍ତି କଳାଧନ
ଅଗଣିତ ଭକ୍ତ ପୁଣ୍ୟ ବଡ଼ଦାଣ୍ଡେ
କରନ୍ତି ତା'ର ଦର୍ଶନ ।
ବରଷକେ ହୁଏ ପାଞ୍ଚ ସୁନାବେଶ
ରଥ ସୁନାବେଶ ଭିନ୍ନ
ଦୁର୍ଲଭ ଏ ବେଶ କରିଲେ ଦର୍ଶନ
ମିଳିଥାଏ କୋଟି ପୁଣ୍ୟ ।

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତ୍‌ସିଂହପୁର
ମୋ: ୭୩୫୫୬୩୪୩୪୬

## ମୋ ଗାଆଁ ରଥଯାତ୍ରା

ମୋ ଗାଆଁ ରଥଯାତ୍ରା କେଡ଼େ ସୁନ୍ଦର
ଗୋଟିଏ ରଥରେ ବିଜେ ତିନି ଠାକୁର ।
ଡାହୁକ ଛାଡୁଛି ରଡ଼ି ରହି ରହିକା
ଭକତ ଟାଣନ୍ତି ପ୍ରେମେ ଭିଜି ଭିଜିକା ।
ହରିବୋଲ ହୁଳହୁଳି ପଡ଼େ ଉଚ୍ଛୁଳି
ସଂକୀର୍ତ୍ତନ ଚାଲିଅଛି ଭଳିକି ଭଳି ।
ବାଡ଼ି ଖେଳେ କମ୍ପୁଅଛି ଗାଆଁ ମୋହର
ଝୋଟି ମୁରୁଜରେ ସଜା ସବୁରି ଘର ।
ଆସିଛନ୍ତି ମାମୁ ମାଈଁ ଘରକୁ ଆମ
ଗାଆଁ ମୋର ଲାଗୁଅଛି ଶ୍ରୀକ୍ଷେତ୍ର ଧାମ ।
ନାହିଁ ଜାତିଭେଦ ବଡ଼ ସାନର
ପରବ ଏହି ଯେ ଏକ ଭାଇଚାରାର ।

**– ପ୍ରଶାନ୍ତ କୁମାର ସାହୁ**
ଇନ୍ଦିପୁର, ଘଣାଶାଳ ସାହି, ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

### ସବୁଠୁ ବଡ଼ କଖାରୁ

ଗୋଟିଏ କଖାରୁ ଯଦି ଅତ୍ୟଧିକ ବଡ଼ ହୋଇଥାଏ ତେବେ ତାହା କେତେ ଓଜନର ହୋଇଥିବ ବୋଲି ଆମେ ଅନୁମାନ କରିପାରିବା । ଅତିବେଶିରେ ହୁଏତ ୧୦ରୁ ୨୦ କିଲୋଗ୍ରାମ୍ ହୋଇପାରିବ ବୋଲି ସମସ୍ତେ ହୁଏତ ଭାବିପାରିବେ । କିନ୍ତୁ ଗୋଟିଏ କଖାରୁର ଓଜନ ଯେ ୧୦୦୦ କିଲୋଗ୍ରାମ୍‌ରୁ ଅଧିକ ହୋଇପାରେ ଏକଥା ଶୁଣିଲେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିବ । ତେବେ ୧,୨୪୬.୯ କିଲୋଗ୍ରାମ୍‌ର ଏକ କଖାରୁ ଉତ୍ପାଦନ ହୋଇଛି କାଲିଫର୍ନିଆରେ । ଟ୍ରାଭିସ୍ ଜେଞ୍ଜର ନାମକ ଜଣେ ଚାଷୀ ତାଙ୍କ ଜମିରୁ ଏହି କଖାରୁଟିକୁ ଉତ୍ପାଦନ କରି ପ୍ରଦର୍ଶିତ କରିଛନ୍ତି, ଯାହା ବିଶ୍ୱର ସବୁଠୁ ଓଜନିଆ କଖାରୁ ମାନ୍ୟତା ପାଇଛି । ଗତବର୍ଷ ଅକ୍ଟୋବର ୯ ତାରିଖରେ ତାଙ୍କୁ ଏଥିପାଇଁ ଗିନିଜ୍ ରେକର୍ଡରେ ସ୍ଥାନ ମିଳିଛି । ଏତେବଡ କଖାରୁକୁ ଏକ କ୍ରେନ୍ ସାହାଯ୍ୟରେ ଉଠାଇ ପ୍ରଦର୍ଶନୀକୁ ନିଆ ଯାଇଥିଲା । ତେବେ ପ୍ରଦର୍ଶନୀରେ ଏହି କଖାରୁକୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଥିଲା । ଏହା ପୂର୍ବରୁ ସବୁଠୁ ବଡ଼ କଖାରୁର ରେକର୍ଡ ଥିଲା ଇଟାଲିର ଷ୍ଟେଫାନୋ ଚୁଟ୍ଟୁପିଙ୍କ ପାଖରେ । ୨୦୨୧ ମସିହାରେ ସେ ୧,୨୨୬ କିଲୋଗ୍ରାମ୍‌ର ଏକ କଖାରୁ ପ୍ରଦର୍ଶିତ କରିଥିଲେ ।



## ଏଥରର

- ପ୍ରାକୃତିକ ବିବର୍ତ୍ତନବାଦ ସିଦ୍ଧାନ୍ତକୁ ପ୍ରଥମେ କିଏ ସାମ୍ନାକୁ ଆଣିଥିଲେ ?
- ବିଦ୍ୟୁତ୍ ଶକ୍ତିକୁ କେଉଁ ଏକକରେ ମାପ କରାଯାଏ ?
- ଟେଲିଫୋନ୍ କିଏ ଉଦ୍ଭାବନ କରିଥିଲେ ?
- ଆସ୍କୋରବିକ୍ ଏସିଡ୍‌ଭାବେ କେଉଁ ଭିଟାମିନ୍ ଜଣାଶୁଣା ?
- କେଉଁ ରକ୍ତକଣିକା ଶରୀରରେ ଇନ୍‌ଫେକ୍‌ଶନ ରୋକିବାରେ ସହାୟକ ହୋଇଥାଏ ?

## ଗତଥରର

ଉ ଉ ଉ

- ଅଗଷ୍ଟସ ସିଜର
- ଫ୍ରାନ୍ସ
- ମୋଗଲ ସାମ୍ରାଜ୍ୟ
- ମଙ୍ଗଳ
- ଦ୍ୱଚା

## କହିଲ ଦେଖି



ସାତ ଦିନ ପାଇଁ ଗୁଣ୍ଡିଚା ଘରେ
ରହିଥିଲେ ପ୍ରଭୁ କେଡେ ଖୁସିରେ
ଆଜି ପୁଣି ଥରେ ରଥରେ ବସି
ଭକତ ମେଳରେ ହୋଇବେ ଖୁସି
ଭାଇ ଭଉଣୀକୁ ସାଥିରେ ନେଇ
ଦେଉଳ ଫେରିବେ କଳାଗୋସେଇଁ
ବିଶ୍ୱ ପ୍ରସିଦ୍ଧ ଏ ଯାତରାଟିଏ
ନାମଟି ତାହାର କହିବ କିଏ ?

**ଉ- ବାହୁଡ଼ା ଯାତ୍ରା**



କାଠରେ ତିଆରି ଅଟେ ସେ ଯାନ
ବସନ୍ତି ସେଥିରେ କଳାବାମନ
ଶଙ୍ଖ ଆଉ ଚକ୍ର ସେ ରଥ ଅସ୍ତ୍ର
ନାଲି ହଳଦିଆ ତାହାରି ବସ୍ତ୍ର
ଷୋହଳ ଚକରେ ଗଡ଼ଇ ସିଏ
ନାମଟି ତାହାର କହିବ କିଏ ?

**ଉ- ନନ୍ଦିଘୋଷ**



ମାଳିନୀ ନଦୀଟି ଯେଉଁଠି ଥିଲା
ବଡ଼ ଦେଉଳକୁ ରାସ୍ତା ହୋଇଲା
ଶ୍ରଦ୍ଧା ନାମେ ମହାରାଣୀ ଯେ ଥିଲେ
ବାଲିରେ ନଦୀକୁ ଯିଏ ପୋତିଲେ
ତାଙ୍କ ନାମ ସାଥେ ବାଲି ମିଶେଇ
ଜାଗାଟିର ନାମ ହୋଇଲା ଯାଇ
ସେ ଜାଗାର ନାମ କହିବ ଯିଏ
ସୁନାପିଲା ନିଶ୍ଚେ ହୋଇବ ସିଏ

**ଉ- ଶରଧାବାଲି**



ଶ୍ରୀଜୀଉମାନଙ୍କର ସେ ଜନ୍ମସ୍ଥାନ
ଦାରୁ ରଖିଥିଲେ ଯହିଁ ଇନ୍ଦ୍ରଦ୍ୟୁମ୍ନ
ଯେଉଁଠାରେ ଦିଅଁ ହୋଇଲେ ଗଢ଼ା
ଆଡ଼ପ ଅବଢ଼ା ହୁଏ ଯେଉଁଠି ବଢ଼ା
ସାତଦିନ ପାଇଁ ପ୍ରଭୁ ରୁହନ୍ତି ଯହିଁ
କିଏ ସେ ପାରିବ ସେ ନାମଟି କହି

**ଉ- ଗୁଣ୍ଡିଚା ମନ୍ଦିର**

**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫



# ବିଜୁଳି-ଘଡ଼ଘଡ଼ି ସୃଷ୍ଟି ହୁଏ କାହିଁକି





ରାନୁ ୮ମ ଶ୍ରେଣୀରେ ପାଠ ପଢ଼େ। ସେ ତା' ବାପାଙ୍କ ସହ ମୁମ୍ବାଇ ଯାଇଥାଏ, ଯେଉଁଠି ତା' କକା ରହୁଥାଆନ୍ତି। ଦିନେ ରାନୁ ତା' କକାଙ୍କ ସହ ମୁମ୍ବାଇ ସହରରେ ମାର୍କେଟିଂ କରିବାକୁ ଯାଇଥାଏ। ସେଠାରେ ଉଚ୍ଚା ବହୁତଳ ବିଶିଷ୍ଟ କୋଠାଘରକୁ ଦେଖି ରାନୁ ମନରେ ଭାରି ଉତ୍କଣ୍ଠା ଜାତ ହେଉଥାଏ। ରାନୁ ହଠାତ୍ ଏକ ଗମ୍ବୁଜ ଥିବା ଅଟ୍ଟାଳିକା ଦେଖି ପଚାରିଲା, କକା! ସେହି ଉଚ୍ଚା ଘରର ଶୀର୍ଷ ଭାଗରେ ଲୁହା ଭଳି ଗୋଜିଆ କ'ଣ ସବୁ ଖଞ୍ଜାଯାଇଛି। କକା କହିଲେ, ରାନୁ! ଆମେ ଶୀଘ୍ର ମାର୍କେଟିଂ ସାରି ଏ ପାଖରେ ଏକ ପାର୍କ ଅଛି, ସେଠାକୁ ଗଲେ ତତେ ତା' ବିଷୟରେ କହିବି। ସତକୁ ସତ ଅଧଘଣ୍ଟାଏ ଭିତରେ ମାର୍କେଟିଂ କାମ ସାରି ପାର୍କର ବେଞ୍ଚରେ ଯାଇ ବସିଲେ। କକା ପଚାରିଲେ, ''ରାନୁ, ତୁ ବିଜୁଳି ଘଡ଼ଘଡ଼ି କ'ଣ ଜାଣିଛୁ କି ? ରାନୁ କହିଲା, ବର୍ଷାହେଲାବେଳେ ଆମେ ବିଜୁଳି ଦେଖିଥାଉ ଏବଂ ଘଡ଼ଘଡ଼ି ଶବ୍ଦ ଶୁଣିଥାଉ। ତା'ପରେ କକା କହିଲେ, ତୁ ମୋତେ କୋଠାଘରେ ଲାଗିଥିବା ଧାତବ ଅଂଶ ବିଷୟରେ ପଚାରିଥିଲୁ। ଘଡ଼ଘଡ଼ିର ମଧ୍ୟ ଏହି ବିଜୁଳି ସହିତ ସମ୍ପର୍କ ଅଛି। ତୁ ଜାଣିଛୁ, ଖରାଦିନେ ଅପରାହ୍ନରେ ଅତି ଜୋରରେ ପବନ ବହିଥାଏ, ଯାହାକୁ କାଳବୈଶାଖୀ କୁହାଯାଏ। ତା' ସହିତ ବିଜୁଳି ଘଡ଼ଘଡ଼ି, ଚଡ଼ଚଡ଼ି ସୃଷ୍ଟି ହୋଇଥାଏ। ଏହା ଏକ ପ୍ରାକୃତିକ ଘଟଣା। ବୈଜ୍ଞାନିକମାନଙ୍କ ମତରେ ମେଘରେ ଥିବା କ୍ଷୁଦ୍ର ଜଳକଣିକାଗୁଡ଼ିକ ଯୁକ୍ତ ଚାର୍ଜ (ପଜିଟିଭ୍) ଧାରଣ କରିଥାଏ ଏବଂ ବଡ଼ ଜଳକଣାଗୁଡ଼ିକ ବିଯୁକ୍ତ ଚାର୍ଜ (ନେଗେଟିଭ୍) ହୋଇଥାଆନ୍ତି। ବାୟୁର ସ୍ରୋତ ଯୋଗୁଁ ଯୁକ୍ତ ଚାର୍ଜ ବହନ କରୁଥିବା ଭାରି ବଡ଼ ଜଳକଣା ରହେ। ଫଳରେ ମେଘର ତଳସ୍ତରରେ ଅଳ୍ପ ଅଞ୍ଚଳରେ ପଜିଟିଭ୍ ଚାର୍ଜ ସୃଷ୍ଟି ହୋଇଯାଏ। ଏପରି ବିଷମ ଚାର୍ଜ ବିଶିଷ୍ଟ ମେଘଖଣ୍ଡ ଯେତେବେଳେ ପ୍ରଚଣ୍ଡ ବେଗରେ ବାୟୁରେ ଗତି କରନ୍ତି, ସେମାନେ ସେତେବେଳେ ପରସ୍ପର ନିକଟବର୍ତ୍ତୀ ହୋଇ ସଂଘର୍ଷ ଘଟାଇଥାନ୍ତି। ଫଳରେ ପ୍ରଚୁର ପରିମାଣରେ ବିଦ୍ୟୁତ୍ ଶକ୍ତି ସୃଷ୍ଟି ହୁଏ। କକା ପଚାରିଲେ, ରାନୁ, ତୁ ବିଜ୍ଞାନରେ ନିଶ୍ଚୟ ପଢ଼ିଥିବୁ, ଯୁକ୍ତ ଏବଂ ବିଯୁକ୍ତ ଦୁଇ ଭିନ୍ନ ଚାର୍ଜର ପ୍ରବାହ ପରିବାହୀ ତାର ମଧ୍ୟଦେଇ ଗତି କଲେ ବିଦ୍ୟୁତ୍ ସ୍ରୋତ ଉତ୍ପନ୍ନ ହୋଇଥାଏ। ରାନୁ କହିଲା, ହଁ କକା, ଆମ ସାର୍ ବିଜ୍ଞାନାଗାରରେ ବିଦ୍ୟୁତ୍ ସ୍ରୋତରେ ପରୀକ୍ଷା କରି ଦେଖାଇଥିଲେ। କକା କହିଲେ, ତୁ ଜାଣିଛୁ ବାୟୁମଣ୍ଡଳ ବିଦ୍ୟୁତ୍‌ର ସୁପରିବାହୀ। ତେଣୁ ମେଘମାଳାର ସେହି ବିଦ୍ୟୁତ୍ ସ୍ରୋତ ଭୂପୃଷ୍ଠକୁ ଆସିଥାଏ। ସେତେବେଳେ ଚଡ଼ଚଡ଼ି ଶବ୍ଦ ସହିତ ଉଜ୍ଜ୍ୱଳ ଆଲୋକ ରଶ୍ମି ସୃଷ୍ଟି ହୁଏ। ସେହି ଉଜ୍ଜ୍ୱଳ ଆଲୋକକୁ ବିଜୁଳି କୁହାଯାଏ। ତୁ ଜାଣିଥିବୁ ଆଲୋକର ବେଗ ଶବ୍ଦର ବେଗ ଅପେକ୍ଷା ଅଧିକ। ତେଣୁ ପ୍ରଥମେ ବିଜୁଳି ଦେଖାଯାଏ ଓ ତା'ର ଅଳ୍ପ ସମୟ ପରେ ଘଡ଼ଘଡ଼ି ଶୁଣାଯାଏ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ଏହି ବିଜୁଳିଜନିତ ଶକ୍ତିର ପରିମାଣ ପ୍ରାୟ ୧୦ କୋଟିରୁ ୧୦୦ କୋଟି ଭୋଲ୍ଟ ଅଟେ।

ବିଜୁଳି ପରିବାହୀ ଦ୍ୱାରା ବଜ୍ରପାତର କ୍ଷତିରୁ ରକ୍ଷା ମିଳିପାରେ। ବିଜୁଳି ପରିବାହୀରେ ଏକ ମୋଟା ଧାତବ ପ୍ଲେଟ ଥାଏ, ଯାହାର ଊର୍ଦ୍ଧ୍ୱରେ ଥିବା ଶେଷଭାଗ ବର୍ଚ୍ଛା ଭଳି ହୋଇଥାଏ। ତା'କୁ ଉଚ୍ଚା କୋଠାଘର ଓ ଟାୱାରର ଉପର ଅଂଶରେ ଖଞ୍ଜା ଯାଇଥାଏ। ଏହି ଧାତବ ପ୍ଲେଟ ସହିତ ଏକ ତମ୍ବା ତାର ଲଗାଯାଇ କୋଠାର ବାହାର କାନ୍ଥ ଦେଇ ମାଟିରେ ପ୍ରବେଶ କରାଯାଇଥାଏ। ସେହି ତାରକୁ ପୁଣି ମାଟି ଭିତରେ ବହୁ ତଳେ ପୋତା ଯାଇଥିବା ତମ୍ବା ପ୍ଲେଟ ସହିତ ଯୋଡ଼ା ଯାଇଥାଏ। ବଜ୍ରପାତ ହେଲେ ସମୁଦାୟ ବିଦ୍ୟୁତ୍ ଚାର୍ଜ ଏହି ତା'ର ମଧ୍ୟ ଦେଇ ମାଟି ତଳକୁ ଯାଏ, ଫଳରେ କୋଠାଘର ବା ଟାୱାରର କ୍ଷତି ହୋଇ ନ ଥାଏ। କୌଣସି କାରଣରୁ ଯଦି ଘର ଭିତରେ ଅଧିକ ପରିମାଣର ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହୁଏ, ତେବେ ତାହା ଆର୍ଥିଂ ତାର ଦେଇ ମାଟିତଳକୁ ଚାଲିଆସି ଆମକୁ ବିଦ୍ୟୁତ୍‌ଜନିତ ଦୁର୍ଘଟଣାରୁ ରକ୍ଷାକରେ। ତେଣୁ ଯେଉଁ ଯେଉଁ ସ୍ଥାନରେ ସ୍ଥାୟୀ କିମ୍ବା ଅସ୍ଥାୟୀ ଭାବରେ ବିଦ୍ୟୁତ୍ ସରବରାହ ହୋଇଥାଏ, ସେହି ସବୁ ସ୍ଥାନରେ ଆର୍ଥିଂ ବ୍ୟବସ୍ଥା ରହିବା ନିହାତି ନିରାପଦ।

ରାନୁ ପଚାରିଲା, ପ୍ରତ୍ୟେକ ଘଟଣାର କିଛି ଭଲ ଗୁଣ ଥାଏ। ତେଣୁ ବଜ୍ରପାତର କିଛି ଭଲଗୁଣ ରହିଛି କି? କକା କହିଲେ, ବିଜୁଳିରୁ ଉତ୍ପନ୍ନତାପ ଦ୍ୱାରା ବାୟୁମଣ୍ଡଳରେ ଥିବା ଯବକ୍ଷାରଜାନ ଏବଂ ଅମ୍ଳଜାନ ମଧ୍ୟରେ ରାସାୟନିକ ପ୍ରତିକ୍ରିୟା ଘଟି ନାଇଟ୍ରିକ୍ ଅକ୍ସାଇଡ୍ ସୃଷ୍ଟି ହୋଇଥାଏ। ତାହା ଜଳୀୟବାଷ୍ପରେ ଦ୍ରବିଭୂତ ହୋଇ ଯବକ୍ଷାରଅମ୍ଳ (ନାଇଟ୍ରିକ୍ ଏସିଡ୍)ରେ ପରିଣତ ହୋଇଥାଏ। ଏହି ଅମ୍ଳବର୍ଷା (ଏସିଡ୍‌ରେନ୍) ଜଳ ସହିତ ମାଟିକୁ ଯାଇଥାଏ। ଉକ୍ତ ମାଟିରେ ଫଳୁଥିବା ବୃକ୍ଷଲତା ଏହାକୁ ଯବକ୍ଷାରଜାନ ଯୌଗିକସାର ଆକାରରେ ଗ୍ରହଣ କରି ନିଜର ଅଭିବୃଦ୍ଧି ଘଟାଇଥାନ୍ତି। ଦ୍ୱିତୀୟ କାରଣ ହେଲା ବଜ୍ରପାତ ଦ୍ୱାରା ଉଚ୍ଚସ୍ତରରେ ଅମ୍ଳଜାନ ତିନୋଟି ପରମାଣୁ ମିଶି ଓଜୋନ୍ ଅଣୁ ଗଠିତ ହୋଇଥାଏ। ସେହି ଓଜୋନ ଅଣୁ ବାୟୁମଣ୍ଡଳର ଓଜୋନ ସ୍ତରକୁ ରକ୍ଷା କରିଥାଏ। ଏହାଦ୍ୱାରା ମଧ୍ୟ ସୂର୍ଯ୍ୟଙ୍କଠାରୁ ଆସୁଥିବା ଅତିବାଇଗଣି ରଶ୍ମି (ଅଲଟ୍ରା ଭାଓଲେଟ୍ ରେ') ଶୋଷଣ କରି ଆମକୁ ରକ୍ଷା କରେ। ରାନୁ କହିଲା, କକା, ଯାହାହେଉ ଏବେ ମୁଁ ବିଜୁଳି ଓ ଘଡ଼ଘଡ଼ି ସମ୍ପର୍କରେ ଅନେକ କଥା ଜାଣିପାରିଲି।

– **ବିନୋଦ ଚନ୍ଦ୍ର ଜେନା,** ଭିକ୍ଟୋରି
କଲୋନୀ, ପାରଳାଖେମୁଣ୍ଡି, ଗଜପତି
ମୋ: ୭୭୩୫୨୨୨୭୧୩

# ମାଙ୍କଡ ମୁହଁ ଭଳି ଫୁଲ





ପ୍ରାକୃତିକ ବୈଚିତ୍ର୍ୟତାରେ ଭରପୁର ଏହି ବିଶ୍ୱମଣ୍ଡଳ। କେତେକ ଜିନିଷ ଦେଖିଲେ ମନରେ ଅନ୍ୟ ଜିନିଷର ଭ୍ରମ ସୃଷ୍ଟି ହୁଏ। ବିଶ୍ୱନିୟନ୍ତାଙ୍କ ସୃଷ୍ଟିକୁ ଯେତେ ନିରେଖି ଦେଖିବ ତାହା ମନରେ ସେତେ କୌତୁହଳ ଜାତ କରିବ। ବିଶେଷଭାବରେ ଗଛଲତା ହେଉଛନ୍ତି ପ୍ରାକୃତିକ ସୌନ୍ଦର୍ଯ୍ୟର ଅନ୍ୟତମ ଗନ୍ତାଘର। ଏଭଳି କେତେକ ଗଛଲତା ରହିଛି, ଯାହାଙ୍କୁ ଦେଖିଲେ ମନରେ ସ୍ୱତଃ ଭିନ୍ନ ଭିନ୍ନ ଧାରଣା ଜନ୍ମ ନେଇଥାଏ। ସମଗ୍ର ବିଶ୍ୱରେ ପ୍ରାୟ ଚାରି ଲକ୍ଷ ପ୍ରଜାତିର ବୃକ୍ଷଲତା ରହିଛି, ଆଉ ସେମାନଙ୍କର ସୃଷ୍ଟି ମଧ୍ୟ ଭିନ୍ନ ଭିନ୍ନ। କିଛି ଫୁଲ ପ୍ରାଣୀଙ୍କ ପରି ଦେଖାଯାଇଥାଆନ୍ତି। ଡ୍ରାକୁଲା ସିମିଆ ଅର୍କିଡ ଫୁଲ ଉପରେ ନଜର ପଡିଲେ ତାହା ମାଙ୍କଡର ମୁହଁ ପରି ଦେଖାଯାଏ। ସେଥିପାଇଁ ଏହି ଫୁଲକୁ 'ମଙ୍କି ଫେସ୍ ଅର୍କିଡ' ବୋଲି ମଧ୍ୟ କୁହାଯାଏ। ଏଭଳି ଅର୍କିଡ ଫୁଲ ପେରୁ ଏବଂ ଇକ୍ୟୁଏଡର ଦେଶରେ ଦେଖିବାକୁ ମିଳିଥାଏ। କେବଳ ସେତିକି ନୁହେଁ, ଏହି ଜାତୀୟ ଫୁଲ ଭିନ୍ନ ଭିନ୍ନ ପ୍ରଜାତିର ମାଙ୍କଡ ମୁହଁ ପରି ମଧ୍ୟ ଦେଖାଯାଏ। ଉକ୍ତ ଫୁଲରେ ମାଙ୍କଡଙ୍କ ମୁହଁ ବ୍ୟତୀତ ସେମାନଙ୍କର ଆଖି, ନାକ, ହାତ ଆଦି ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ସ୍ପଷ୍ଟ ଭାବରେ ପ୍ରତୀୟମାନ ହୋଇଥାଏ। ଫୁଲଟି ପାଚିଲା କମଳା ପରି ବାସି ଥାଏ। ଏହି ବିଚିତ୍ର ଫୁଲ ସବୁ ଋତୁରେ ଦେଖିବାକୁ ମିଳିଥାଏ।

# ଆ ଇ ନା



ଦିବ୍ୟାଂଶୀ ବାରିକ
୭ ବର୍ଷ/ମାଲକାନଗିରି



ଅମୃତା ରାଣୀ ଦାଶ
୮ ବର୍ଷ/ଭବାନୀପାଟଣା